ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Forest and Env.(OD)/326/29-05-2021**

## ରାଜ୍ୟ 'ଜଙ୍ଗଲ ଓ ପରିବେଶ ବିଭାଗ'କୁ 'ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ' ନାମରେ ନାମିତ କରାଯାଇଛି

ଭୁବନେଶ୍ୱର, ମଇ ୨୯, ୨୦୨୧

ରାଜ୍ୟ 'ଜଙ୍ଗଲ ଓ ପରିବେଶ ବିଭାଗ'କୁ 'ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ' ନାମରେ ନାମିତ କରାଯାଇଛି ।

ଏହି ବିଭାଗ ଜଙ୍ଗଲ ଓ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ ସହିତ ଜଳବାୟୁ ପରିବର୍ତ୍ତନ ଉପରେ ଧ୍ୟାନ ଦେବ ।

ଜଳବାୟୁ ପରିବର୍ତ୍ତନ କାର୍ଯ୍ୟାବଳୀ ନିମିତ୍ତ ଏହି ବିଭାଗ ଆମ ରାଜ୍ୟରେ ନୋଡାଲ ଏଜେନ୍ସି ହେବ । ଜଳବାୟୁ ପରିବର୍ତ୍ତନ ଉପରେ ରାଜ୍ୟ କାର୍ଯ୍ୟ ଯୋଜନା (ଏସ୍ଏପିସିସି)ର ବିକାଶ ସହିତ ଅନ୍ୟାନ୍ୟ ଯୋଜନା, ନୀତି, କାର୍ଯ୍ୟକ୍ରମ, ଜଳବାୟୁ କାର୍ଯ୍ୟାବଳୀ ଉପରେ ପ୍ରକଳ୍ପ, ଜଳବାୟୁ ପରିବର୍ତ୍ତନ ଉପରେ ଜାତୀୟ କାର୍ଯ୍ୟ ଯୋଜନା (ଏନ୍ଏପିସିସି) ଅନୁରୂପ ପ୍ରସ୍ତୁତ କରିବ । ରାଜ୍ୟ ଦୃଷ୍ଟିକୋଣ ଅନୁଯାୟୀ ଜାତୀୟ ସ୍ତରରେ ନିର୍ଦ୍ଦିଷ୍ଟ ଯୋଗଦାନ (ଏନ୍‌ଡିସି) ରଖିବା ସହ ଇଂଜିନିୟରିଂ ବିଭାଗଗୁଡ଼ିକ ସହିତ ଘନିଷ୍ଠ ସମନ୍ୱୟ ରଖି କାର୍ଯ୍ୟ କରିବା ଏହି ବିଭାଗର ଦାୟିତ୍ୱ ହେବ ।

ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ପରିଲକ୍ଷିତ ରାଜ୍ୟର ପ୍ରମୁଖ ଦୁର୍ବଳତାଗୁଡ଼ିକୁ ଚିହ୍ନଟ କରିବା, ଭବିଷ୍ୟତର ଜଳବାୟୁ ପରିବର୍ତ୍ତନ ସହିତ ଖାପ ଖୁଆଇବାର ଆବଶ୍ୟକତାକୁ ଆକଳନ କରିବା, ଏଗୁଡ଼ିକୁ ପ୍ରାସଙ୍ଗିକ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପରିସର, ଜଳବିଭାଜିକା ପ୍ରକଳ୍ପ ପରିଚାଳନା, ଉପକୂଳବର୍ତ୍ତୀ ଅଞ୍ଚଳ ଯୋଜନା ଓ ନିୟମାବଳୀ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ବନ ବିଭାଗ ପରିଚାଳନା, କୃଷି ପ୍ରଯୁକ୍ତି ବିଦ୍ୟା ଏବଂ ଅଭ୍ୟାସ, ପରିବହନ ଏବଂ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଏହି ବିଭାଗ ଗୁରୁତ୍ୱ ଦେବ ।

ଶକ୍ତି ସଂରକ୍ଷଣ ତଥା ଶକ୍ତି ଦକ୍ଷତା ବୃଦ୍ଧି ମାଧ୍ୟମରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ, ଇଂଜିନିୟରିଂ ବିଭାଗ, ଶକ୍ତି, ପୂର୍ତ୍ତ, ପରିବହନ, କୃଷି, ସହରାଞ୍ଚଳ ବିକାଶ, ଶିଳ୍ପ ଓ ଖଣି ବିଭାଗ ସହିତ ସୁସମନ୍ୱୟ ରକ୍ଷା କ୍ଷେତ୍ରରେ ଏହି ବିଭାଗ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ସୌରଶକ୍ତି ଏବଂ ପବନ ଶକ୍ତି ଭଳି ଅଣ-ପାରମ୍ପରିକ ବିକଳ୍ପ ଉତ୍ସଗୁଡ଼ିକୁ ପ୍ରୋତ୍ସାହନ ଏବଂ ଏପରି ଉତ୍ସଗୁଡ଼ିକର ଉପଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ପ୍ରସ୍ତୁତ କରିବା ଉପରେ ଏହି ବିଭାଗ ଧ୍ୟାନ ଦେବ । ବେସରକାରୀ ଅଂଶୀଦାର ସମେତ ବିଭିନ୍ନ ଜାତୀୟ, ଅନ୍ତର୍ଜାତୀୟ, ବହୁପାକ୍ଷିକ, ଦ୍ୱିପାକ୍ଷିକ ଏବଂ ଅନ୍ୟାନ୍ୟ ଉତ୍ସରୁ ଏଥି ନିମିତ୍ତ ଅର୍ଥ ସଂଗ୍ରହ ଏହି ବିଭାଗର ଅନ୍ୟତମ ଦାୟିତ୍ୱ ରହିବ ।

ରାଜ୍ୟରେ ସାଂପ୍ରତିକ ଜଳବାୟୁ ପରିବର୍ତ୍ତନ ସମସ୍ୟାର ମୁକାବିଲା ନିମନ୍ତେ ସରକାରୀ ବିଭାଗ, ଅନୁଷ୍ଠାନ ଏବଂ ସଂଗଠନ (ଉଭୟ ସରକାରୀ ଏବଂ ଅଣ-ସରକାରୀ)ର ଦକ୍ଷତା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ସଚେତନତା ସୃଷ୍ଟି କରିବା ସହିତ ଏହାର ପ୍ରଭାବ ଉପରେ ମଧ୍ୟ ବିଭାଗ ଗୁରୁତ୍ୱାରୋପ କରିବ ।

ରାଜ୍ୟର ବଛା ବଛା ଅଞ୍ଚଳ ଏବଂ କ୍ଷେତ୍ରଗୁଡ଼ିକରେ ଜଳବାୟୁ ପରିବର୍ତ୍ତନ ପ୍ରଭାବ ମୂଲ୍ୟାଙ୍କନର ବିକାଶ, ଆନ୍ତବିଭାଗୀୟ ସମନ୍ୱୟ ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା, ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ବିଭାଗ ଏବଂ ବିଭିନ୍ନ ନିୟାମକ କର୍ତ୍ତୃପକ୍ଷଙ୍କ ସହିତ ପର୍ଯ୍ୟାୟକ୍ରମେ ପାରସ୍ପରିକ ସଂପର୍କ ରକ୍ଷା, ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ସୂଚନା ଆଦାନପ୍ରଦାନ ପାଇଁ ଅନ୍ତର୍ଜାତୀୟ ଅନୁଷ୍ଠାନ ସହିତ ସମନ୍ୱୟ, ରାଜ୍ୟ ସ୍ତରରେ ଜଳବାୟୁ ପରିବର୍ତ୍ତନର ତଦାରଖ ଓ ପ୍ରଭାବ ମୂଲ୍ୟାଙ୍କନକୁ (ଖାପ ଖୁଆଇବା, ପ୍ରଶମନ ଓ ଦକ୍ଷତା ବିକାଶ) ବିଭାଗର ପ୍ରାଥମିକତା ହେବ ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ସଂଶୋଧନର ବିଜ୍ଞପ୍ତି ଜାରି କରାଯାଇଛି ଏବଂ ଏହା ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ